# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
## କପା ଚାଷ ପାଇଁ XIV(ଚତୁର୍ଦଶ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷାମି)ମି( | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ଅଗଷ୍ଟ | | | | | ଅଗଷ୍ଟ | | | | |
| | | 18 | 19 | 20 | 21 | 22 | 24 | 25 | 26 | 27 | 28 |
|  | କୋରାପୁଟ | 23 | 4 | 0 | 0 | 0 | 12 | 10 | 7 | 3 | 5 |
| | କଳାହାଣ୍ଡି | 20.2 | 6 | 0 | 0 | 5.6 | 10 | 15 | 25 | 10 | 5 |
| | ବଲାଙ୍ଗିର | 43 | 4.6 | 0.1 | 0 | 0 | 12 | 18 | 25 | 10 | 5 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

କପା ଫସଲ ଅବସ୍ଥା:

ଓଡିଶାରେ କପା ଫସଲ ୫୨ ରୁ ୭୨ ଦିନ ଅବସ୍ଥାରେ ଅଛି। କଢ ଓ ଫୁଲ ଧରିବା ଆରମ୍ଭ ହୋଇଛି। ସେଭଳି କିଛି ମାରାତ୍ମକ ରୋଗ ପୋକ ଲାଗି ନ ଥିବାରୁ କପା ଫସଲ ଭଲ ଅବସ୍ଥାରେ ଅଛି । ଏହି ସପ୍ତାହରେ ଘାସ ବଛା, କୋଡାଖୋସା, ତୃତୀୟ ଦଫା ସାର ପ୍ରୟୋଗ)25(ଜବକ୍ଷାରଜନ %, ଜଉ ପୋକ , ଲେଡା ପୋକ ଓ ପତ୍ରଖିଆ ଆଦି ପୋକର ପ୍ରତିଷେଧକ ହିସାବରେ ନୀମ୍ବ ତେଲ ଔଷଧ ପ୍ରୟୋଗ ଇତ୍ୟାଦି କାର୍ଯ ଚାଷୀ ଭାଇ ମାନେ କରିଛନ୍ତି । ଏକବିଜପତ୍ରୀ, ଦ୍ୱିବିଜପତ୍ରୀ ତଥା ମୁଥା ଜାତୀୟ ବହୁ ପ୍ରକାରର ଘାସ କପା ଫସଲକୁ ଆକ୍ରାନ୍ତ କରିଛି। ହାତରେ ଘାସ ବାଛି କିମ୍ବା ଘାସମରା ପକାଇ ଘାସ ନିୟନ୍ତ୍ରଣ କରା ଯାଇଛି। ଗଛରୁ କଢ ଓ ଫୁଲ ନ ଝଡିବା ପାଇଁ 3 ଲିଟର ପାଣିରେ 15.ମିଲି ନପ୍ଥଲିକ ଏସିଟିକ ଏସିଡ 5 ୪.୫ ଏସଏଲ (ପ୍ଲାନୋଫିକ୍ସ) ହୋରମୋନ କୁ ସିଂଚନକରା ଯାଇଛି। ରାଜ୍ୟର କେତକ ସ୍ଥାନରୁ ଝଉଂଳା, ମୂଳ ଶଢା ଓ ବୀଜାଣୁ ଜନିତ ପତ୍ରଦାଗ ରୋଗର ସୂଚନା ମିଳିଛି।

ପରାମର୍ଶ:

ଘାସ ବଛା, କୋଡାଖୋସା, କରିବା କାର୍ଯ ଶୀଘ୍ର ଶେଷ କରିବାକୁ ଚାଷୀ ମାନଙ୍କୁ ପରାମର୍ଶ ଦିଆଯାଉଛି। ତୃତୀୟ ଦଫା ସାର ପ୍ରୟୋଗ ଶୀଘ୍ର ଶେଷ କରିବା ଦରକାର, କାରଣ ଜବକ୍ଷାରଜନ ସାର ବିଳମ୍ବରେ ପ୍ରୟୋଗ କାଲେ ଡାଳ ପତ୍ର ଅଧିକ ବଢେ ଓ ଫୁଲ ଫଳ ଧରିବାକୁ ଡେରି ହୁଏ। କପା ଫସଲରେ ଲାଗୁଥିବା ରୋଗୋ ଓ ପୋକର ସ୍ଥିତି ଜାଣିବା ପାଇଁ ନିୟମିତ ସର୍ବେକ୍ଷଣ କରନ୍ତୁ। ସୋଶୋକ ପୋକର ପ୍ରତିଷେଧକ ହିସାବରେ ମି ଲି ନୀମ୍ବ ତେଲ ଓଉଷଧକୁ ମିଶାଇ ସିଂଚନ 50 ଲିଟର ପାଣିରେ 10 କରନ୍ତୁ। ଜଉ ପୋକର ସଙ୍ଖୀ ଆର୍ଥିକ ଡାହେଳି ସୀମା ଅତିକ୍ରମ କଲେ, ଅର୍ଥାତ କିମ୍ବା ତ ୦ାରୁ ଅଧିକ ଗଛ 2 ଟି ଗଛରୁ 20 ଆକ୍ରାନ୍ତ ହେଲେ, ଏହାର ନିୟନ୍ତ୍ରଣ ପାଇଁ ମ 20 ଲିଟର ପାଣିରେ 10ିଲି ହିସାବରେ ବୁପ୍ରୋଫେଜିନ ଇ ସି ଅଉଷଧକୁ ସିଞ୍ଚନ 25 କରନ୍ତୁ। କପା ଫସଲରେ ଝଉଂଳା ରୋଗୋ ଲାଗିଲେ ମି ଗ୍ରା କୋବାଲ୍ଟ କ୍ଲୋରଇଡ ଓଉଷଧକୁ ମିଶାଇ 10 ଲିଟର ପାଣିରେ 1 150 ଗ୍ରା କୋପୋର ଅକ୍ଷିକ୍ଲୋରଇଡ ସହିତ 25 ସିଂଚନ କରନ୍ତୁ। ରୋଗର ଲକ୍ଷଣ ଦେଖା ଦେବା ସାଙ୍ଗେ ସାଙ୍ଗେ-ଗ୍ରା 200 ଲି ପାଣିରେ 10 ୟୁରିୟା ସାରକୁମିଶାଇ ସିଂଚନ କରନ୍ତୁ। ପତ୍ରଖିଆ ଲେଡା ପୋକ ର ସଂକ୍ରମଣ ବିଷୟରେ ଜାଣିବା ପାଇଁ ହେକ୍ଟର ପିଛା ଲିଟର 10 ଟି ସାଙ୍ଗ ଆକର୍ଷକ ଜନ୍ତା ସ୍ଥାପନ କରନ୍ତୁ। କପା ଫସଲରେ ନାଲି ପତ୍ର ଦାଗ ରୋଗର ନିୟନ୍ତ୍ରଣ ପାଇଁ 5 ଗ୍ରାମ ୟୁରିୟା ସାର ମିଶାଇ ସିଞ୍ଚନ କରନ୍ତୁ। 100 ଗ୍ରାମ ମ୍ୟାଗନେଶିୟମ ସଲ୍ଫେଟ ଓ 100 ପାଣିରେ ପତ୍ରଖିଆ ଲେଡା ପୋକର ସର୍ବେକ୍ଷଣ ପାଇଁ ଏକର ପ୍ରତି 5 ଟି ସଙ୍ଗ ଆକର୍ଷକ ଯନ୍ତା ବଶାନ୍ତୁ। ପତ୍ରଡିଆ ପୋକ ଓ ଧଳାମାଛି ପୋକର ସର୍ବେକ୍ଷଣ ପାଇଁ ଏକର ପ୍ରତି ୪ ଟି ସଙ୍ଗ ଆକର୍ଷକ ଯନ୍ତା ବଶାନ୍ତୁ। ବୀଜାଣୁ ଜନିତ ପତ୍ରଦାଗ ରୋଗର ନିୟନ୍ତ୍ରଣ ପାଇଁ 30 ଗ୍ରାମ କପର ଅକ୍ଷିକ୍ଲୋରଇଡ 50WG/WP ଓଉଷଧକୁ 10 ଲିଟର ପାଣିରେ ମିଶାଇ ସିଂଚନ କରିବାକୁ ପରାମର୍ଶ ଦିଆଯାଉଛି।